# NATIONAL NEWS BULLETIN (ODIA)

**20 November - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଝାଡ଼ଖଣ୍ଡର ଦ୍ୱିତୀୟ ପର୍ଯ୍ୟାୟ ଓ ମହାରାଷ୍ଟ୍ରର ଏକକ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ଲାଗି ମତଦାନ ଜାରି ।

– ମହାରାଷ୍ଟ୍ରର ନାନ୍ଦେଦ ସଂସଦୀୟ କ୍ଷେତ୍ର ଏବଂ ପଞ୍ଜାବ, ଉତ୍ତରପ୍ରଦେଶ, କେରଳ ଓ ଉତ୍ତରାଖଣ୍ଡର ୧୫ଟି ବିଧାନସଭା ଆସନ ଲାଗି ଆଜି ହେଉଛି ଉପନିର୍ବାଚନ

- ଏସିଆନ୍ **ମିଟିଂ ପ୍ଲସ୍** ବୈଠକରେ ଯୋଗଦେବା ଲାଗି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂଙ୍କ ଲାଓସ୍ ଗସ୍ତ

- ଗୋଆରେ ଆଜିଠାରୁ ଆରମ୍ଭ ହେଉଛି ୫୫ତମ ଆନ୍ତର୍ଜାତିକ ଭାରତୀୟ ଚଳଚ୍ଚିତ୍ର ଉତ୍ସବ

ଏବଂ

- ଚୀନ୍ ମାଷ୍ଟର୍ସ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ମହିଳା ସିଙ୍ଗିଲ୍ସ ପ୍ରି କ୍ୱାଟର ଫାଇନାଲ୍‌କୁ ଭାରତର ପି.ଭି. ସିନ୍ଧୁ ଏବଂ ମାଳବିକା ବାଂଶୋଦି’ ଉନ୍ନୀତ

---

## ଝାଡ଼ଖଣ୍ଡ–ମହା ପୋଲ

ଝାଡ଼ଖଣ୍ଡର ଦ୍ୱିତୀୟ ପର୍ଯ୍ୟାୟ ଓ ମହାରାଷ୍ଟ୍ରର ଏକକ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ଲାଗି ଆଜି ମତଦାନ ଜାରି ରହିଛି । ଦିନ ୧୧ଟା

ସୁଦ୍ଧା ଝାଡ଼ଖଣ୍ଡରେ ୩୧ ଦଶମିକ ୩/୭ ପ୍ରତିଶତ ଏବଂ ମହାରାଷ୍ଟ୍ରରେ ୧୮ ଦଶମିକ ୧/୪ ପ୍ରତିଶତ ମତଦାନ ହୋଇଥିବା ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

ଝାଡ଼ଖଣ୍ଡରେ ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନରେ ୧୨ଟି ଜିଲ୍ଲାର ୩୮ଟି ବିଧାନସଭା ମଣ୍ଡଳୀରେ ଭୋଟ୍ ଗ୍ରହଣ ସକାଳ ୭ଟାରୁ ଆରମ୍ଭ ହୋଇଛି । ଏହା ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଚାଲିବ । ତେବେ ନକ୍ସଲ ପ୍ରଭାବିତ ୩୧ଟି ବୁଥ୍‌ରେ ସୁରକ୍ଷା କାରଣରୁ ଭୋଟ୍‌ଗ୍ରହଣ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଚାଲିବ । ମୋଟ୍ ୫୨୮ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି । ପ୍ରତିଦ୍ୱନ୍ଦିତା କରୁଥିବା ପ୍ରମୁଖ ପ୍ରାର୍ଥୀମାନଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ, ବାଚସ୍ପତି ରବୀନ୍ଦ୍ରନାଥ ମାହାତୋ, ରାଜ୍ୟ ବିଜେପି ସଭାପତି ବାବୁଲାଲ ମାରାଣ୍ଡି, ବିରୋଧୀଦଳ ନେତା ଅମରନାଥ କୁମାର ବାଉରୀ, ଏ.ଜେ.ଏସ୍.ୟୁ ସଭାପତି ସୁଦେଶ କୁମାର ମାହାତୋ ଓ କଳ୍ପନା ସୋରେନ ଏବଂ ୪ଜଣ ମନ୍ତ୍ରୀ ଇରଫାନ ଆନ୍‌ସାରୀ, ହାଫିଜୁଲ ହାସନ, ଦୀପିକା ପାଣ୍ଡେ ସିଂ ଓ ବେବି ଦେବୀ ପ୍ରମୁଖ ଅଛନ୍ତି ।

ଆନ୍ତଃଜିଲ୍ଲା ସୀମାକୁ ସିଲ୍ କରାଯିବା ସହ ଅନୁପ୍ରବେଶକାରୀ ଏବଂ ଅସାମାଜିକ କାରବାରକୁ ରୋକିବା ଲାଗି ରାଜ୍ୟକୁ ଲାଗିଥିବା ବିହାର ଓ ପଶ୍ଚିମବଙ୍ଗର ସୀମାବର୍ତ୍ତୀ ଅଞ୍ଚଳରେ ମିଳିତ ଅପରେସନ ଆରମ୍ଭ କରାଯିବା ସହ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି ।

ମହାରାଷ୍ଟ୍ର ବିଧାନସଭାର ସମସ୍ତ ୨୮୮ଟି ଆସନ ଲାଗି ଆଜି ଏକକ ପର୍ଯ୍ୟାୟରେ ମତଦାନ ଜାରି ରହିଛି । ରାଜ୍ୟରେ ୨ହଜାର

୮୬ଜଣ ସ୍ୱାଧୀନ ପ୍ରାର୍ଥୀଙ୍କ ସମେତ ମୋଟ୍ ୪ହଜାର ୧୩୬ଜଣ ପ୍ରାର୍ଥୀ ଏହି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।  ମହାରାଷ୍ଟ୍ରର ନାନ୍ଦେଡ ଲୋକସଭା ଆସନ ଲାଗି ମଧ୍ୟ ଆଜି ଉପନିର୍ବାଚନ ନିମନ୍ତେ ମତଦାନ ହେଉଛି ।

ଏଥିସହ ମହାରାଷ୍ଟ୍ରର ନାନ୍ଦେଦ ସଂସଦୀୟ ଆସନ ଏବଂ ପଞ୍ଜାବ, ଉତ୍ତରପ୍ରଦେଶ, କେରଳ ଓ ଉତ୍ତରାଖଣ୍ଡର ୧୫ଟି ବିଧାନସଭା ଆସନ ଲାଗି ଆଜି ଉପ ନିର୍ବାଚନ ଅନୁଷ୍ଠିତ ହେଉଛି ।

ମହାରାଷ୍ଟ୍ରରେ ଦେବେନ୍ଦ୍ର ଫଡ଼ନବୀଶ, ନୀତିନ ଗଡ଼କରୀ, ଶୁଶିଲ କୁମାର ସିନ୍ଦେ, ଆଶିଷ ସେଲାର, ସଚିନ ତେନ୍ଦୁଲକର, ରିତେଶ ଦେଶମୁଖ ପ୍ରମୁଖ  ପରିବାର ସହ ଯାଇ ଭୋଟ୍ ଗ୍ରହଣ କେନ୍ଦ୍ରର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି ।

## ପଞ୍ଜାବ-ବାଇପୋଲ୍

ପଞ୍ଜାବ ବିଧାନସଭା ନିର୍ବାଚନ ମଣ୍ଡଳୀ ଲାଗି ଆଜି ଅନୁଷ୍ଠିତ ଉପନିର୍ବାଚନରେ ଦିନ ୧୧ଟା ସୁଦ୍ଧା ୨୦ ଦଶମିକ ୭/୬ ପ୍ରତିଶତ ମତଦାନ ହୋଇଛି । ଶ୍ରୀ ମୁକ୍ତାର ସାହିବ ଅନ୍ତର୍ଗତ ବର୍ଣ୍ଣାଲା, ଗିଦେରବାହ, ଗୁରଦାସପୁର ଏବଂ ଛବେୱାଲାର ଦେରାବାବା ନାନକ, ହୁସିଆରପୁର ସଂରକ୍ଷିତ ଆସନ ଲାଗି ଭୋଟ ଗ୍ରହଣ ଚାଲିଛି । ପ୍ରାୟ ୭ ଲକ୍ଷ ଭୋଟର ଆଜି ସେମାନଙ୍କର ମତଦାନ ସାବ୍ୟସ୍ତ କରିବେ । ଉପନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରମୁଖ ପ୍ରାର୍ଥୀମାନଙ୍କ ମଧ୍ୟରେ ବିଜେପିରୁ ପଞ୍ଜାବର ପୂର୍ବତନ  ଅର୍ଥମନ୍ତ୍ରୀ ମନପ୍ରତ ସିଂ ବାଦଲ, କେୱାଲ ସିଂ ଧୀଲନ, ରବି କରଣ ସିଂ କାହାଲନ୍ ଏବଂ ସୋହନ ସିଂ ଥଣ୍ଡାଲ ନିର୍ବାଚନ ଲଢୁଛନ୍ତି ।

ସେହିପରି ଆପ୍ ପ୍ରାର୍ଥୀ ହରଦୀପ ସିଂ ଡିମ୍ପି ଧୀଲନ୍ ଏବଂ ଇଶାଙ୍କ କୁମାର, କଂଗ୍ରେସରୁ ଅମ୍ରିତା ଓ୍ୱାରୀନ୍ ଏବଂ ଯତୀନ୍ଦର କୌର ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଛନ୍ତି । ଅବାଧ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ଭୋଟ ଗ୍ରହଣ ନିମନ୍ତେ ନିର୍ବାଚନ ମଣ୍ଡଳୀ ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ସମସ୍ତ ୮୩୧ଟି ଭୋଟ ଗ୍ରହଣ କେନ୍ଦ୍ରରେ ସିସିଟିଭି କ୍ୟାମେରାର ବ୍ୟବସ୍ଥା କରାଯାଇଛି । ଭୋଟ୍ ଗ୍ରହଣ ସନ୍ଧ୍ୟା ୬ଟାରେ ଶେଷ ହେବ । ଆସନ୍ତା ୨୩ ତାରିଖରେ ଭୋଟ୍ ଗଣତି ସହ ଫଳାଫଳ ପ୍ରକାଶ ପାଇବ ।

ସେହିପରି ଉତ୍ତରାଖଣ୍ଡର କେଦାରନାଥ ବିଧାନସଭା ଆସନ ଲାଗି ଉପନିର୍ବାଚନ ନିମନ୍ତେ ଶାନ୍ତିପୂର୍ଣ୍ଣ ଭାବେ ଭୋଟ ଗ୍ରହଣ ଚାଲିଛି । ଦିନ ୧୨ଟା ସୁଦ୍ଧା ୧୭ ଦଶମିକ ୬/୯ ପ୍ରତିଶତ ଭୋଟ ଗ୍ରହଣ ହୋଇଥିବା ସୂଚନା ମିଳିଛି । ନିର୍ବାଚନରେ ୬ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି । ସମୁଦାୟ ୯୦ ହଜାର ୮୭୫ ଜଣ ପଞ୍ଜୀକୃତ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ । ବିଜେପି ବିଧାୟକ ଶୈଳାରାଣୀ ରାଓ୍ୱତଙ୍କ ଚଳିତବର୍ଷ ଜୁଲାଇରେ ପରଲୋକ ହେବା ପରେ କେଦାରନାଥ ବିଧାନସଭା ଆସନଟି ଖାଲି ପଡ଼ିଥିଲା ।

---

## ରାଜନାଥ ଲାଓସ୍ ଭିଜିଟ୍

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଆଜି ଲାଓସ୍‌କୁ ଏସିଆନ୍ ପ୍ରତିରକ୍ଷାମନ୍ତ୍ରୀମାନଙ୍କ **ମିଟିଂ ପ୍ଲସ୍** ବୈଠକରେ ଯୋଗଦେବା ଲାଗି ୩ ଦିନିଆ ଗସ୍ତ କରିଛନ୍ତି । ଏହି ବୈଠକରେ ଶ୍ରୀ ସିଂ ଆଞ୍ଚଳିକ ଏବଂ ଆନ୍ତର୍ଜାତିକ ସୁରକ୍ଷା ପ୍ରସଙ୍ଗରେ ଉଦ୍‌ବୋଧନ ଦେବେ । ସମସ୍ତ ଏସୀୟ

ରାଷ୍ଟ୍ରଗୁଡ଼ିକୁ ନେଇ ଏସିଆନ୍ ପ୍ରତିରକ୍ଷାମନ୍ତ୍ରୀମାନଙ୍କ **ମିଟିଂ ପ୍ଲସ୍** ADMM+ ର ଆୟୋଜନ କରାଯାଇଛି । ଏସୀୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ବ୍ରୁନେଇ, କାମ୍ବୋଡ଼ିଆ, ଇଣ୍ଡୋନେସିଆ, ଲାଓସ୍, ମାଲେସିଆ, ମ୍ୟାଁମାର, ଫିଲିପାଇନ୍ସ, ସିଙ୍ଗାପୁର, ଥାଇଲ୍ୟାଣ୍ଡ, ଭିଏତନାମ ଏବଂ ଭାରତ, ଯୁକ୍ତରାଷ୍ଟ୍ର ଆମେରିକା, ଚୀନ୍, ରୁଷ, ଜାପାନ ଓ ଦକ୍ଷିଣ କୋରିଆ ଆଦି ୮ଟି ଭାଗିଦାରୀ ରାଷ୍ଟ୍ର ରହିଛନ୍ତି । ଏସୀୟ ରାଷ୍ଟ୍ର ଏବଂ ଭାଗିଦାରୀ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସହଯୋଗ ସୁଦୃଢ଼ କରିବା ନିମନ୍ତେ ବାର୍ଷିକ ADMM+ ମନ୍ତ୍ରୀମାନଙ୍କ ବୈଠକର ଆୟୋଜନ କରାଯାଇଥାଏ । ଶ୍ରୀ ସିଂ ଅଷ୍ଟ୍ରେଲିଆ, ଚୀନ, ଜାପାନ, ଲାଓସ, ମ୍ୟାଲେସିଆ, ନିଉଜିଲ୍ୟାଣ୍ଡ, ଫିଲିପାଇନ୍ସ ଆଦି ରାଷ୍ଟ୍ରଗୁଡ଼ିକର ପ୍ରତିରକ୍ଷା ମନ୍ତ୍ରୀମାନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଦେଶଗୁଡ଼ିକ ମଧ୍ୟରେ ପ୍ରତିରକ୍ଷା ସହଯୋଗକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ଏହି ବୈଠକର ଆୟୋଜନ କରାଯାଇଛି ।

---

## ଫିଲ୍ମ ଫେଷ୍ଟିଭାଲ୍

ଗୋଆଠାରେ ଆଜି ସନ୍ଧ୍ୟାରେ ଶ୍ୟାମାପ୍ରସାଦ ମୁଖାର୍ଜୀ ଷ୍ଟାଡିୟମ୍ ଠାରେ ୫୫ତମ ଆନ୍ତର୍ଜାତିକ ଭାରତୀୟ ଚଳଚ୍ଚିତ୍ର ଉତ୍ସବ IFFI ଆରମ୍ଭ ହେଉଛି । ଏହି ଉତ୍ସବ ଚଳିତମାସ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ । ଅଷ୍ଟ୍ରେଲିଆର ଚଳଚ୍ଚିତ୍ର ନିର୍ମାତା ମାଇକେଲ ଗ୍ରେସୀଙ୍କ ଦ୍ୱାରା ନିର୍ଦ୍ଦେଶିତ 'ବେଟର ମ୍ୟାନ୍' ଉଦ୍‌ଘାଟନୀ ଚଳଚ୍ଚିତ୍ର ଭାବେ ପ୍ରଦର୍ଶିତ ହେବ । ଏହି ଚଳଚ୍ଚିତ୍ରର ପ୍ରିମିୟର କାର୍ଯ୍ୟକ୍ରମରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ୍ ଅଂଶ ଗ୍ରହଣ କରିବେ । ଭାରତର ସମୃଦ୍ଧ ସଂସ୍କୃତି ଓ ପରମ୍ପରା ଉପରେ

ପର୍ଯ୍ୟବେଶିତ ଚଳଚ୍ଚିତ୍ର ଗୁଡ଼ିକୁ ଏହି ମଞ୍ଚରେ ପ୍ରଦର୍ଶନ କରାଯିବ । ଚଳିତବର୍ଷ ସର୍ବୋତ୍ତମ ଫିଲ୍ମ ବଜାର ଅନୁଷ୍ଠିତ ହେବାକୁ ଯାଉଛି । ଏଥିରେ ୧୦୦ଜଣ ଯୁବ ଚଳଚ୍ଚିତ୍ର ନିର୍ମାତାଙ୍କୁ ସେମାନଙ୍କ କାର୍ଯ୍ୟଦକ୍ଷତା ପ୍ରଦର୍ଶିତ କରିବାରେ ଏହି ମଞ୍ଚ ସୁଯୋଗ ପ୍ରଦାନ କରିବ ।

୫୫ତମ ଆନ୍ତର୍ଜାତିକ ଭାରତୀୟ ଚଳଚ୍ଚିତ୍ର ଉତ୍ସବ ସଂପର୍କରେ ମତାମତ ଦେଇ ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି ଯେ ଆସନ୍ତା ୮ ଦିନ ମଧ୍ୟରେ ଏହି ମଞ୍ଚରେ ୧୦୦ରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ । ସେ କହିଛନ୍ତି ବିଶ୍ୱସ୍ତରରେ ଭାରତର ଚଳଚ୍ଚିତ୍ର ଗୁଡ଼ିକ ଉତ୍କର୍ଷ ପ୍ରତିପାଦିତ ହେବା ଲାଗି ଏହା ଯୁବ ଚଳଚ୍ଚିତ୍ର ନିର୍ମାତା ମାନଙ୍କୁ ସୁଯୋଗ ପ୍ରଦାନ କରିବ । ଚଳଚ୍ଚିତ୍ର ଶିଳ୍ପ ଭାରତର ଅର୍ଥନୀତିକୁ ସୁଦୃଢ଼ କରିବା ସହ ନବସୃଜନ, ନିଯୁକ୍ତି ଏବଂ ସାଂସ୍କୃତିକ କ୍ଷେତ୍ରରେ ଏକ ଶକ୍ତିକେନ୍ଦ୍ର ଭାବେ ଉପସ୍ଥାପିତ ହୋଇପାରିଛି ବୋଲି ସେ କହିଛନ୍ତି । ଭାରତର ୧୧୦ କୋଟି ଇଣ୍ଟରନେଟ୍ ବ୍ୟବହାରକାରୀ ଏବଂ ୭୦ କୋଟି ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀ ସେମାନଙ୍କର ସୃଜନାତ୍ମକ କ୍ଷେତ୍ରରେ ସ୍ୱାଧୀନତା ଅସଲ କରିପାରିଛନ୍ତି । ଫଳରେ ସେମାନେ ବିଶ୍ୱସ୍ତରର ଦର୍ଶକମାନଙ୍କ ସହ ପ୍ରତ୍ୟକ୍ଷ ସହ ସାମାଜିକ ଗଣମାଧ୍ୟମ ଏବଂ OTT ସେବା ମାଧ୍ୟମରେ ସଂଯୋଗ ସ୍ଥାପନ କରିପାରୁଛନ୍ତି ।

---

## ନେପାଳ-ଇଣ୍ଡିଆ ଭିଜିଟ୍

ନେପାଳ ସରକାରଙ୍କ ବିଭିନ୍ନ ବିଭାଗର କୂଟନୀତିଜ୍ଞ ଏବଂ ଅଧିକାରୀମାନଙ୍କୁ ନେଇ ୨୬ ଜଣିଆ ଏକ ଦଳ ଆଜି ଭାରତ ଆସୁଛନ୍ତି । ସେମାନେ ନୂଆଦିଲ୍ଲୀସ୍ଥିତ ବୈଦେଶିକ ମନ୍ତ୍ରଣାଳୟର ସୁଷମା ସ୍ୱରାଜ

ବୈଦେଶିକ ସେବା ସଂସ୍ଥାନରେ ନେପାଳ କୂଟନୀତିଜ୍ଞମାନଙ୍କ ପାଇଁ ଅନୁଷ୍ଠିତ ପ୍ରଥମ ସ୍ୱତନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଭାଗ ନେବେ । ଏହି କାର୍ଯ୍ୟକ୍ରମ ଆଜିଠାରୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଶ୍ୱ ରାଜନୀତି, ଅର୍ଥନୈତିକ ବ୍ୟବସ୍ଥା , ବାଣିଜ୍ୟ, ଜଳବାୟୁ ପରିବର୍ତ୍ତନ, ମାନବୀୟ ସହାୟତା, ବିକାଶ ଭାଗିଦାରୀତା, ସଂସ୍କୃତି ଓ ଐତିହ୍ୟ ବିନିମୟ ଆଦି ପ୍ରସଙ୍ଗ ଉପରେ ଆଲୋଚନା ହେବ ।

କାଠମାଣ୍ଡୁରେ ଭାରତର ରାଷ୍ଟ୍ରଦୂତ କାର୍ଯ୍ୟାଳୟରେ ଥିବା ମିଶନର ଉପମୁଖ୍ୟ ପ୍ରସନ୍ନ ଶ୍ରୀବାସ୍ତବ ଏହି ୨୬ ଜଣିଆ ଅଧିକାରୀଙ୍କ ସହିତ ଆଲୋଚନା କରିବେ ।

---

# ଦିଲ୍ଲୀ– ପଲ୍ୟୁସନ

ଦିଲ୍ଲୀ ସରକାର' ବାୟୁର ଗୁଣାତ୍ମକ ମାନ ହ୍ରାସ ପାଇଥିବା ଯୋଗୁଁ ଦିଲ୍ଲୀ ଏନ୍‌ସିଆର ଅଞ୍ଚଳରେ କାର୍ଯ୍ୟ କରୁଥିବା ପ୍ରାୟ ୫୦ ପ୍ରତିଶତ କର୍ମଚାରୀ ଘରେ ରହି କାମ କରିବା ଲାଗି ନିଷ୍ପତ୍ତି ଗ୍ରହଣ କରିଛନ୍ତି । ବାୟୁ ପ୍ରଦୂଷଣ ପରିସ୍ଥିତିର ଗୁରୁତ୍ୱକୁ ଉପଲବ୍ଧ କରି ପରିବେଶ ମନ୍ତ୍ରୀ ଗୋପାଲ ରାୟ ଆଜି ଅପରାହ୍ନରେ ଏକ ବୈଠକ ଆହ୍ୱାନ କରିଛନ୍ତି । ଆଜି ସକାଳ୧୧ଟା ସମୟରେ ଦିଲ୍ଲୀ ଏନ୍‌ସିଆର ଅଞ୍ଚଳରେ ବାୟୁର ଗୁଣାତ୍ମକ ସୂଚୀ AQI ହାରାହାରି ୪୨୭ ରହିଥିଲା । କେନ୍ଦ୍ରୀୟ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଦିଲ୍ଲୀର କେତେକ ଅଞ୍ଚଳରେ AQI ର ସ୍ତର ୪୫୦ ଅତିକ୍ରମ କରିଛି । ଦିଲ୍ଲୀର ଅଶୋକବିହାର ଷ୍ଟେସନରେ ୪୫୭, ଆନନ୍ଦବିହାରରେ ୪୫୪, ଜାହାଙ୍ଗୀରପୁରୀରେ ୪୬୦, ମୁଣ୍ଡକାରେ ୪୬୩' AQI ମାନ ଥିବା ଜଣାପଡ଼ିଛି ।

---

# ବ୍ୟାଡମିଣ୍ଟନ

ଚୀନ୍‌ର ସେଞ୍ଜେନ୍ ଠାରେ ଅନୁଷ୍ଠିତ ଚୀନ୍ ମାଷ୍ଟର୍ସ-୨୦୨୪ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତର ପି.ଭି. ସିନ୍ଧୁ ଏବଂ ମାଳବିକା ବାଂଶୋଦ୍ ମହିଳା ସିଙ୍ଗିଲ୍ ପ୍ରି କ୍ୱାର୍ଟର ଫାଇନାଲ୍‌କୁ ଉନ୍ନୀତ ହୋଇଛନ୍ତି । ସିନ୍ଧୁ ପ୍ରଥମ ରାଉଣ୍ଡରେ ମାଲେସିଆର ବୁସାନାନଙ୍କୁ ୨୧-୧୭, ୨୧-୧୯ ସେଟ୍‌ରେ ପରାସ୍ତ କରିଛନ୍ତି । ସେହିପରି ମାଳବିକା ଡେନ୍‌ମାର୍କର ପ୍ରତିଯୋଗୀଙ୍କୁ ପ୍ରଥମ ରାଉଣ୍ଡରେ ୨୦-୨୨, ୨୩-୨୧, ୨୧-୧୬ ସେଟ୍‌ରେ ପରାସ୍ତ କରି ପ୍ରି-କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି ।